# Phone call between Prime Minister and H.E. Benjamin Netanyahu, Prime Minister of Israel

June 10, 2020

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ମହାମହିମ ବେଞ୍ଜାମିନ ନେତାନୟାହୁଙ୍କ ମଧ୍ୟରେ ଫୋନରେ ବାର୍ତ୍ତାଳାପ

ଜୁନ 10, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଇସ୍ରାଏଲ ପ୍ରଧାନମନ୍ତ୍ରୀ ମହାମହିମ ବେଞ୍ଜାମିନ ନେତାନୟାହୁଙ୍କ ସହିତ ଫୋନରେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନେତାନୟାହୁ ସମ୍ପ୍ରତି କାର୍ଯ୍ୟଭାର ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଭରସା ଜତାଇଛନ୍ତିଯେ ପ୍ରଧାନମନ୍ତ୍ରୀ ନେତାନୟାହୁଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଭାରତ-ଇସ୍ରାଏଲ ସହଭାଗିତା ବୃଦ୍ଧି ପାଇବ।

କୋଭିଡ-19 ମହାମାରୀ ପ୍ରସଙ୍ଗରେ ଦୁଇ ନେତା ସମ୍ଭାବ୍ୟ କ୍ଷେତ୍ର ଉପରେ ଆଲୋଚନା କରିଥିଲେ ଯେଉଁଥିରେ ଭାରତ ଓ ଇସ୍ରାଏଲ୍ ସେମାନଙ୍କର ସହଯୋଗକୁ ବିସ୍ତାର କରିପାରିବେ ଯଥା ଟିକା, ଚିକିତ୍ସାବିଧାନ ଏବଂ ନିଦାନ କ୍ଷେତ୍ରରେ ଗବେଷଣା ଏବଂ ବିକାଶ। ଉଭୟ ଦେଶର ବିଶେଷଜ୍ଞ ଦଳ ମଧ୍ୟରେ ଚାଲିଥିବା ଆଦାନପ୍ରଦାନକୁ ବଜାୟ ରଖିବାକୁ ସେମାନେ ସହମତ ହୋଇଥିଲେ ଏବଂ ମାନବିକତାର ବ୍ୟାପକ ଲାଭ ପାଇଁ ଏହିପରି ସହଯୋଗର ଫଳ ଉପଲବ୍ଧ ହେବା ଉଚିତ ବୋଲି ମଧ୍ୟ ସହମତ ହୋଇଥିଲେ।

ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ସମୀକ୍ଷା କରିଥିଲେ ଏବଂ ସହମତ ହୋଇଥିଲେ ଯେ କୋଭିଡ-19 ପରବର୍ତ୍ତୀ ବିଶ୍ୱ ଅନେକ କ୍ଷେତ୍ରରେ ପାରସ୍ପରିକ ଲାଭଦାୟକ ସହଭାଗିତା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବ। ବିଶେଷ ଭାବରେ ସ୍ୱାସ୍ଥ୍ୟ ପ୍ରଯୁକ୍ତିବିଦ୍ୟା, କୃଷି ନବୀନୀକରଣ, ପ୍ରତିରକ୍ଷା-ସହଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ରରେ ପୂର୍ବରୁ ଦୃଢ ଥିବା ଭାରତ-ଇସ୍ରାଏଲ୍ ସହଯୋଗକୁ ବିସ୍ତାର କରିବା ପାଇଁ ସେମାନେ ଏକ ବିରାଟ ପରିସରର ଆକଳନ କରିଥିଲେ।

ପରିବର୍ତ୍ତିତ ଆନ୍ତର୍ଜାତୀୟ ପରିସ୍ଥିତିରେ ଉଦୀୟମାନ ସୁଯୋଗ ଓ ଆହ୍ୱାନର ଆକଳନ ଆଦାନପ୍ରଦାନ ପାଇଁ ଓ ପାରସ୍ପରିକ ପରାମର୍ଶ କରିବା ପାଇଁ ଉଭୟ ନେତା ନିୟମିତ ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

ଜୁନ 10, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.